
# ସତ୍ୟବାକ୍ୟ

# THE WORD OF TRUTH



## MARCH & APRIL - 2013

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.18.MAR &APR -2013.No-2

Published every two months in **Oriya** language for the Restoration of pure New Testament Christianity

### ସମ୍ପାଦକଙ୍କ କଲମରୁ...

ପ୍ରିୟ "ସତ୍ୟ ବାଣୀ" ପାଠକ,

ଦୀର୍ଘ ପନ୍ଦର ବର୍ଷ ଧରି ବିନାମୂଲ୍ୟରେ ଆପଣଙ୍କୁ "ସତ୍ୟବାଣୀ" ପତ୍ରିକା ପଠାଇବାରେ ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଈଶ୍ୱରଙ୍କ ନାମ ଧନ୍ୟ ହେଉ। ପ୍ରତିକୂଳ ପରିସ୍ଥିତି ଯୋଗୁଁ, ଏହି ପତ୍ରିକା ବିନାମୂଲ୍ୟରେ ପଠାଇବାରେ ଆମ୍ଭେମାନେ ସକ୍ଷମ ନୋହୁଁ । ଆସନ୍ତା ମାସରୁ ଏହି ପତ୍ରିକା ପ୍ରାପ୍ତ ହେବାକୁ ଇଚ୍ଛୁକ ଭାଇଭଉଣୀମାନଙ୍କୁ ବାର୍ଷିକ ଚାନ୍ଦା ରୂପେ ୧୦୦/- ଟଙ୍କା ନିମ୍ନଲିଖିତ ଠିକଣାରେ **M.O.** ଦ୍ୱାରା ପଠାଇବାକୁ ଅନୁରୋଧ କରୁ।

**SATYA VANI**
H.No. 7-9-35
Sam Murthy Street, KAKINADA, A.P.
PIN - 533001

# ସତ୍ୟବାଣୀ
# VOICE OF TRUTH

VOL - XVIII KAKINADA MAR-APR-2013

## ପ୍ରେରିତ ପାଉଲଙ୍କ ଜୀବନୀ
## (The Life of Paul)

ଆଦିମ ଖ୍ରୀଷ୍ଟଙ୍କ ମଣ୍ଡଳୀର ଅଭିବୃଦ୍ଧିରେ ପ୍ରେରିତ ପାଉଲଙ୍କ ସ୍ଥାନ ଶ୍ରେଷ୍ଠତମ । ତାହାଙ୍କ ପତ୍ରିକା ଦ୍ୱାରା ତାହାଙ୍କ ଜୀବନ କାହାଣୀ ଜାଣିବାକୁ ପାଇପାରୁ । ପ୍ରେରିତ ମାନଙ୍କ କାର୍ଯ୍ୟବଳୀର ପୁସ୍ତକ ପାଉଲଙ୍କ ସାଥି ବୈଦ୍ୟଲୁକଙ୍କ ଦ୍ୱାରା ଲିଖିତ । ଏହି ପୁସ୍ତକର ପ୍ରଥମ ଦ୍ୱାଦଶ ପୁସ୍ତକରେ ପ୍ରେରିତ ପିତରଙ୍କ କାର୍ଯ୍ୟବଳୀ ଓ ୧୩ମ ରୁ ୨୮ ଅଧ୍ୟାୟରେ ପ୍ରେରିତ ପାଉଲଙ୍କ କାର୍ଯ୍ୟବଳୀ ଲିଖିତ ହୋଇଅଛି । ପାଉଲଙ୍କ ଜୀବନୀର କେତୋଟି ମୁଖ୍ୟ ଘଟଣା ନିମ୍ନରେ ବର୍ଣ୍ଣନା କରାଯାଇଅଛି । ବାଇବଲ ଇତିହାସରୁ ଓ ଜାଗତିକ ଇଦିହାସରୁ ସମୟ ନିର୍ଣ୍ଣିତ କରାଯାଇଅଛି ।

୧— ପାଉଲଙ୍କ ବାଲ୍ୟ :

କ) ତାର୍ଷ ନଗରରେ ଜନ୍ମ (ପ୍ରେରିତ ୨୧:୩୯)

ଖ) ଯିରୁଶାଲମରେ ଗୋମଲୀୟ ପାଦତଳେ ଶିକ୍ଷାପ୍ରାପ୍ତ (ପ୍ରେରିତ ୨୨:୩)

ଗ) ମଣ୍ଡଳୀୟ ତାଡ଼ନା ।

୧) ସ୍ତିପାନଙ୍କୁ ପ୍ରସ୍ତରାଘାତ (ପ୍ରେରିତ ୭:୫୭–୮:)

୨) ମଣ୍ଡଳୀକୁ ଉଚ୍ଛିନ୍ନ କରିବାରେ ଉଦ୍ୟତଥିଲେ ।

୩) ମଣ୍ଡଳୀକୁ ତାଡ଼ନା କରିବାକୁ ନିମନ୍ତେ ସମାଜଗୃହରୁ କ୍ଷମତା ପ୍ରାପ୍ତଥିଲେ । (ପ୍ରେରିତ ୯:୧–୨)

୨— ପାଉଲଙ୍କ ପରିବର୍ତ୍ତନ (ଖ୍ରୀ.ଜ ୩୬)

(ପ୍ରେରିତ ୯:୧–୧୯–ପ୍ରେରିତ ୨୨:୪–୧୬, ପ୍ରେରିତ ୨୬:୧୨–୨୦)

ଆରୋବର ରାଜା ହାରୋତାଙ୍କ ସମୟରେ ପ୍ରେରିତ ପାଉଲ ସେଠାକୁ

ଯିବା ଇତିହାସକ ଯୋସେଫସ୍ ଲେଖନରୁ ଏହି ତାରିଖ ନିର୍ଣ୍ଣିତ କରାଯାଇଅଛି ।

କ) ଖ୍ରୀ:ଜ ୩୭-୩୯ : ଦାମସ୍କକ ଓ ଆରୋବ (ପ୍ରେରିତ ୯:୧୭-୨୨, ପ୍ରେରିତ ୨୬:୧୯-୨୦, ଗାଲାତୀ ୧:୧୫-୧୮)

ଖ) ଖ୍ରୀ:ଜ ୩୯: ଦାମସ୍କକରୁ ପଳାୟନ ଓ ଯିରୁଶାଲମଙ୍କୁ ଗସ୍ତ (ଗାଲାତୀ ୧:୧୫-୧୮, ପ୍ରେରିତ ୯:୨୩-୨୬, ୨ କରନ୍ଥୀ ୧୧:୩୨-୩୩)

ଗ) ଖ୍ରୀ:ଜ ୩୯-୪୩ (ଚାରି ପାଞ୍ଚ ବର୍ଷ) ତାର୍ଷ, ସିରିଆ, କିଲିକିଆ ଅଞ୍ଚଳରେ ସୁସମାଚାର ପ୍ରଚାର (ପ୍ରେରିତ ୯:୨୯-୩୦, ଗାଲାତୀ ୧:୨୧୨୪)

ଘ) ଖ୍ରୀ:ଜ ବର୍ଣ୍ଣବାଙ୍କ ସହ ଆନ୍ତରଖିଆରେ (ପ୍ରେରିତ ୧୧:୨୫-୨୯)

ଙ) ଖ୍ରୀ:ଜ ୪୪:- ଯିରୁଶାଲମରେ ଦରିଦ୍ରମାନଙ୍କ ସେବା ପରିଚର୍ଯ୍ୟାରେ (ପ୍ରେରିତ ୧୧:୨୭-୩୦, ୧୨:୨୫)

### ୩ - ଆଗ୍ରଫ୍ଫା ୧ ଙ୍କ ମୃତ୍ୟୁ (ଖ୍ରୀ:ଜ ୪୪)

ଇତିହାସକ ଯୋସେଫସ୍ଙ୍କ ଅନୁଯାୟୀ ହେରୋଦଙ୍କ ମୃତ୍ୟୁ ଖ୍ରୀ:ଜ ୪୪ ରେ ହୋଇଥିଲା ।

କ) ଖ୍ରୀ:ଜ ୪୫-୪୭, ପାଉଲଙ୍କ ପ୍ରଥମ ସୁସମାଚାର ପ୍ରଚାର ଯାହା (ପ୍ରେରିତ ୧୩:୧-୩) ଲେଖାଯାଏ ।

ଖ) ଖ୍ରୀ:ଜ ୪୮-୪୯ : ପାଉଲ ଓ ତାହାଙ୍କ ସାଥିମାନେ ଆନ୍ତରଖିଆଙ୍କୁ ଫେରି "ଅନେକ ଦିନ" (ପ୍ରାୟ ଦୁଇବର୍ଷ ରହି ସୁସମାଚାର ପ୍ରଚାର କାର୍ଯ୍ୟ କରିଥିଲେ (ପ୍ରେରିତ ୧୪:୨୫-୨୮)

### ୪. ଯିରୁଶାଲମକୁ ପାଉଲଙ୍କ ପ୍ରଥମ ଯାତ୍ରା (ଖ୍ରୀ:ଜ ୫୦)

ପାଉଲଙ୍କ ପରିବର୍ତ୍ତନର ଚତୁର୍ଦ୍ଦଶ ବର୍ଷ ପରେ ପାଉଲ ଯିରୁଶାଲମକୁ ଯାଇଥିଲେ । (ଗାଲାତୀ ୨:୧) ଆନ୍ତୟଖିଆର ମଣ୍ଡଳୀରେ ଯିହୁଦୀୟ ଖ୍ରୀଷ୍ଟିୟାନ ମାନେ ସମ୍ମୁଖୀନ ହୋଇଥିବା ସମସ୍ୟାର ସମାଧାନ ନିମନ୍ତେ ତାଙ୍କୁ ଯିରୁଶାଲମର ମଣ୍ଡଳୀକୁ ଯିବାର ଆବଶ୍ୟକତା ପଡ଼ିଲା । ବିଜାତୀୟ ଖ୍ରୀଷ୍ଟିୟାନ ମାନଙ୍କ ସୁନ୍ନତି ବିଷୟରେ ସେ ଶିରୁଶାଲମକୁ ପ୍ରେରିତମାନଙ୍କ ସହ ଆଲୋଚନା କରିବା ଆବଶ୍ୟକ ଥିଲା ।

କ) ଖ୍ରୀ:ଜ ୫୧-୫୪ : ଦ୍ୱିତୀୟ ସୁସମାଚାର ଯାତ୍ରା (ପ୍ରେରିତ ୧୫:୩୬-୪୧)

୧)	ଖ୍ରୀ:ଜ ୫୨, କରନ୍ଥୀୟରୁ ସେ ଥେସଲନୀକୀ ମଣ୍ଡଳୀକୁ ପ୍ରଥମ ପତ୍ରିକା ଲେଖିଥିଲେ (୧ମ ଥେସ : ୧୧, ୩:୬)

୨)	ଖ୍ରୀ:ଜ ୫୩:୨ : କରନ୍ଥୀରୁ ଥେସଲନୀକୀକି ମଣ୍ଡଳୀକୁ ୨ୟ ଧ୍ୟ (୨ ଥେସଲନୀକୀ ୧:୧) ଲେଖିଥିଲେ ।

ଖ)	ଖ୍ରୀ:ଜ ୫୪–୫୮, ତୃତୀୟ ସୁସମାଚାର ଯାତ୍ରା (ପ୍ରେରିତ ୧୮:୨୨–୨୩,

୧)	ଖ୍ରୀ:ଜ ୫୭ (ବସନ୍ତକାଳ) ଏଫିସୀରୁ କରିନ୍ଥୀ ମଣ୍ଡଳୀକୁ ପ୍ରଥମ ପତ୍ର । (୧ମ କରନ୍ଥୀ ୧୬:୮)

୨)	ଖ୍ରୀ:ଜ ୫୭ (ଶରତକାଳ) : ମାସଦନିଆରୁ କରନ୍ଥୀ ମଣ୍ଡଳୀକୁ ଦ୍ୱିତୀୟ କରନ୍ଥୀ ପତ୍ର ଲେଖନ ।

୩)	ଖ୍ରୀ:ଜ ୫୭ (ଶୀତକାଳ) : କରନ୍ଥୀରୁ ଗାଲାତି ମଣ୍ଡଳୀକୁ ପତ୍ର ଲେଖନ ।

୪)	ଖ୍ରୀ:ଜ ୫୮ (ବସନ୍ତକାଳ) : କରନ୍ଥୀରୁ ରୋମୀୟ ମଣ୍ଡଳୀକୁ ପତ୍ର ଲେଖନ ।

ଗ)	ଖ୍ରୀ:ଜ ୫୮ : ଯିରୁଶାଲମ ଗମନ (ପ୍ରେରିତ ୨୧:୧୭–୨୬)

ଘ)	ଖ୍ରୀ:ଜ ୫୮ : ପାଉଲ, ଯିରୁଶାଲମ ମନ୍ଦିରରେ ଶିଙ୍ଖୁଳିରେ ବନ୍ଧନ । ପ୍ରେରିତ ୨୧:୨୭–୨୩:୧୧)

ଙ)	ଖ୍ରୀ:ଜ ୫୮–୬୦ : କାଲସରିଆ ୬ର ପାଉଲଙ୍କ ବନ୍ଦୀ । (ପ୍ରେରିତ ୨୩:୩୧–୩୫)

**୫.	ଫେଲୀଲସଙ୍କ ଶାସନ** (ଖ୍ରୀ:ଜନ୍ମ ୬୧ (ବସନ୍ତକାଳ) କିଅବା ଖ୍ରୀ:ଜ ୬୨)

କ)	ଖ୍ରୀ:ଜ ୬୦ : ଫେଲୀଲସ୍‌ଙ୍କ ରାଜାତ୍ୱ ସମୟରେ ପାଉଲ ଯିରଶାଲମରେ ବନ୍ଦୀ ଥିଲେ । ତାହାଙ୍କ ବଦଳରେ ଫେଷ୍ଟ ଶାସନକର୍ତ୍ତା ରୂପେ ନିଯୁକ୍ତ ହେଲେ । ଇତିହାସକ ଯୋସେଫସ୍ ଟାସିଟସ ଓ ସୁଇଟନିଅସ୍ ଏ ଘଟଣା ଲିଖିତ କରନ୍ତୀ (ଖ୍ରୀ:ଜ ୬୦ କିଅବା ୬୧)

ଖ)	ଖ୍ରୀ:ଜ ୬୦ (ଶରତକାଳ) ରୁ ୬୧ (ବସନ୍ତକାଳ) – ସମୟାବଧିରେ ପାଉଲ ରୋମକୁ ଜଳପଥରେ ଯାତ୍ରା କରିଥିଲେ । (ରୋମୀୟ ୨୭:୧–୨୮:୧୬)

## ୬. ରୋମରେ ପାଉଲଙ୍କ ଆଗମନ

(ଖ୍ରୀ:ଜ ୬୧ (ବସନ୍ତକାଳ) କିଅବା ଖ୍ରୀ:ଜ ୬୨)

ଫେଷ୍ଟ ଅଧିକାରରେ ଆସିବା ପରେ, ପାଉଲ ରୋମକୁ ଆସିଥିଲେ । ଏହାର ବିବରଣ ଆମ୍ଭେମାନେ ପ୍ରେରିତ ୨୭:୧ ରୁ ୨୮:୧୫ ପଦରେ ଗୁଡ଼ିକରେ ପଢିପାରୁ ।

କ) ଖ୍ରୀ:ଜ ୬୧:୬୩, ପ୍ରଥମ ରୋମୀୟ କାରାଗାରରେ ବନ୍ଦୀ–

୧) ଫିଲିମୋନଙ୍କ ନିକଟକୁ ପତ୍ର ।

୨) କଲସୀକୁ ମଣ୍ଡଳୀପତ୍ର ।

୩) ଏଫିସୀୟକୁ ମଣ୍ଡଳୀପତ୍ର ।

୪) ଫିଲିଫ ମଣ୍ଡଳୀକୁ ପତ୍ର ।

ଖ) ଖ୍ରୀ:ଜ ୬୮ ଦ୍ୱିତୀୟ ରୋମୀୟ ବନ୍ଦୀବସ୍ଥା (୨ ତିମଥି ୧:୮, ୨:୮–୯)

୧) ଖ୍ରୀ:ଜ ୬୮୭ ରୋମରୁ ତୀମଥିଙ୍କୁ ୨ୟ ପତ୍ର ।

୨) ଖ୍ରୀ:ଜ ୬୮ : ତୀମଥିଙ୍କ ନିକଟକୁ ଦ୍ୱିତୀୟ ପତ୍ର ଲେଖିବା ପରେ ଓ ନେରୋଙ୍କ ମୃତ୍ୟୁ (ଖ୍ରୀ:ଜ ୯ ଜୁନ, ୬୮ ପୂର୍ବରୁ ପାଉଲ ମୃତ୍ୟୁ ବରଣ କରିଥିଲେ ।

ଲୁକଙ୍କ ଦ୍ୱାରା ଲିଖିତ ପ୍ରେରିତମାନଙ୍କ କାର୍ଯ୍ୟବଳୀର ପୁସ୍ତକରେ ପାଉଲଙ୍କ ଜୀବନ କାହାଣୀ ରୋମରେ ବନ୍ଦିତ୍ୱ ଶେଷ ହୁଏ । ବାଇବଲ ବିଦ୍ୱାନମାନଙ୍କ ପାଉଲଙ୍କ ଜୀବନି ବିଷୟରେ ଅନେକ ମତ ପ୍ରଦାନ କରନ୍ତି । ଅନେକଙ୍କ ମତରେ ସେ ରୋମ ସମ୍ରାଜ୍ୟର ବନ୍ଦିତ୍ୱରୁ ମୁକ୍ତ ହୋଇ ଚାରି/ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସୁସମାଚାର ପ୍ରଚାର କରିଥିଲେ । ସେ ପୁନଃର୍ବାର ବନ୍ଦୀରୂପେ ରୋମକୁ ଅଣାଯାଇଥିଲେ । ତାହାଙ୍କ ମୃତ୍ୟୁ କାରାଗାରରେ କିଅବା ସେ ନେରୋ ରାଜାଙ୍କ ଆଜ୍ଞାରେ ହତ ହୋଇଥିଲେ ।

***- Luke Graffin***

❋❋❋

# ବାଇବଲ
# (The Bible)

୧) ବାଇବଲ ବିଷୟରେ ଚାରୋଟି ବିଷୟ ପ୍ରତ୍ୟେକ ମନୁଷ୍ୟ ଜ୍ଞାତ ହେବା ଆବଶ୍ୟକ ।

୨) ବାଇବଲ ଏକମାତ୍ର ପୁସ୍ତକ, ଯାହା ଈଶ୍ୱରଙ୍କ ହୃଦୟରୁ ଉଦ୍‌ଭବିତ । ରୋମୀୟ :୯–୨୬ ପଦଗୁଡ଼ିକରେ ପ୍ରେରିତ ପାଉଲ ଈଶ୍ୱରଙ୍କ ସନ୍ତାନମାନଙ୍କ ବିଷୟରେ କହନ୍ତି, "ଆଉ ଯଦି ଗୌରବ ନିମନ୍ତେ ତାହାଙ୍କ ଦ୍ୱାରା ପୂର୍ବରୁ ପ୍ରସ୍ତୁତ ହୋଇଥିବା, ପାତ୍ର ଯେ ଆମ୍ଭେମାନେ, ଆମ୍ଭମାନଙ୍କ ନିକଟରେ ଆପଣା ଗୌରବରୂପ ଧନ ପ୍ରକାଶ କରିବା ନିମନ୍ତେ ତାହା କରିଅଛନ୍ତି । ଏହି ସତ୍ୟତା ଆମ୍ଭମାନଙ୍କ ନିକଟରେ ପ୍ରକାଶିତ ହେବା ସଙ୍ଗେ, ହୋଶେୟ ଭାବବାଦୀଙ୍କ ଦ୍ୱାରା ଭାବବାଣୀ ଦ୍ୱାରା ବାକ୍ୟ ହୋଇଥିଲା । (ହୋଶେୟ ୧:୧୦) ଏହି ମହାନ ପ୍ରେମ ବିଷୟରେ ଯୋହନ ୩:୧୬ ପଦରେ ପଢ଼ିପାରୁ ।

୩) ଆମ୍ଭେମାନେ ଜାଣିବା ଓ କହିବା ପ୍ରତ୍ୟେକ ବିଷୟ ଏହି ଏକମାତ୍ର ପୁସ୍ତକରୁ ଜାଣିପାରୁ । ଏହି ପୁସ୍ତକରେ ଲିଖିତ ବାକ୍ୟ ପାଳନ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ହୋଇ ପାରିବା । ଏତଦ୍ୱାରା ଈଶ୍ୱରଙ୍କ ଲୋକ "...ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।" (୨ ତିମଥି ୩:୧୬,୧୭)

୧. ବାଇବଲ ଏକମାତ୍ର ପୁସ୍ତକ ଯାହା ପରମେଶ୍ୱରଙ୍କ ମନରୁ ଉଦ୍‌ଭବିତ : ଜଗତରେ ଅନ୍ୟ ପୁସ୍ତକ ଗୁଡ଼ିକ ମନୁଷ୍ୟ ମାନଙ୍କ ଦ୍ୱାରା ଲିଖିତ ଓ ମୁଦ୍ରିତ । କିନ୍ତୁ ବାଇବଲ ପରମେଶ୍ୱରଙ୍କ ଠାରୁ ଆଗତ ଓ ପବିତ୍ର ଆତ୍ମାଙ୍କ ନିର୍ଦ୍ଦେଶନାରେ ଭାବବାଦୀ ଓ ପ୍ରେରିତ ମାନଙ୍କ ଦ୍ୱାରା ଲିଖିତ । (୧ମ କରନ୍ଥୀ ୨:୬–୧୩, ଗାଲାତୀ ୧:୧୧,୧୨ ଓ ଏଫିସୀ ୩:୧–୫)

୨. ବାଇବଲ ଏକମାତ୍ର ପୁସ୍ତକ ଯାହା ଦ୍ୱାରା ମନୁଷ୍ୟମାନେ ବିଚାରିତ ହେବେ : ଆପଣ ଓ ମୁଁ ନୂତନ ନିୟମରେ ନିୟମାନୁଯାୟୀ ବିଚାରିତ ହେବୁ (ଯୋହନ ୧୨:୪୮, ରୋମୀୟ ୨:୧୬) ଆମ୍ଭେମାନେ ଏହି ଜଗତରେ ବଞ୍ଚିଥିବା ପର୍ଯ୍ୟନ୍ତ ଶରୀର ଦ୍ୱାରା ସାଧିତ ପ୍ରତ୍ୟେକ କାର୍ଯ୍ୟ ବିଚାରକୁ ଅଣାଯିବ । (୨ କରନ୍ଥୀ ୫:୧୦)

ଆସ ଆମ୍ଭେମାନେ ଏହି ଜୀବନ ଦେବା ପୁସ୍ତକ ଅନୁସରଣ କରି ଅନନ୍ତଜୀବନ ପ୍ରାପ୍ତ ହେଉ ।

***- Tommy Hagowood***

❋ ❋ ❋

# ମନୁଷ୍ୟମାନଙ୍କୁ ଈଶ୍ୱର ଆଶୀର୍ବାଦ କରିବାକୁ ଇଚ୍ଛା କରନ୍ତି ।

## (God's Desire to bless all men)

ଗୀତ ୬୭ ଏକ ସୁନ୍ଦର ପ୍ରଶଂସା ଗୀତ ଏଥିରେ ପରମେଶ୍ୱରଙ୍କ ଶକ୍ତିଯୁକ୍ତ ପ୍ରତିଜ୍ଞା ବିଷୟରେ ଲିଖିତ ହୋଇ ଅଛି । ଯାହା କହେ :-

ପରମେଶ୍ୱର ଆମ୍ଭମାନଙ୍କୁ ଦୟା କରନ୍ତୁ ଓ ଆମ୍ଭମାନଙ୍କୁ ଆଶୀର୍ବାଦ କରନ୍ତୁ । ଓ ଆମ୍ଭମାନଙ୍କ ପ୍ରତି ଆପଣା ମୁଖ ପ୍ରସନ୍ନ କରନ୍ତୁ । ତହିଁରେ ପୃଥିବୀର ତୁମ୍ଭର ପଥ ଓ ସମୁଦାୟ ଗୋଷ୍ଠୀ ମଧ୍ୟରେ ତୁମ୍ଭର ପରିତ୍ରାଣ ଜଣାଯିବ ।

ହେ ପରମେଶ୍ୱର, ଗୋଷ୍ଠୀଗଣ ତୁମ୍ଭର ପ୍ରଶଂସା କରନ୍ତୁ ଯାବତୀୟ ଗୋଷ୍ଠୀ ତୁମ୍ଭର ପ୍ରଶଂସା କରନ୍ତୁ । ଦେଶୀୟମାନେ ଆହ୍ଲାଦିତ ହେଉନ୍ତୁ ଓ ଆନନ୍ଦ ସକାଶୁ ଗାନ କରନ୍ତୁ । କାରଣ ତୁମ୍ଭେ ନ୍ୟାୟରେ ଗୋଷ୍ଠୀବର୍ଗର ବିଚାର କରିବ ଓ ପୃଥିବୀରେ ଦେଶୀୟମାନଙ୍କୁ ଶାସନ କରିବ ।

ହେ ପରମେଶ୍ୱର, ଗୋଷ୍ଠୀମାନେ ତୁମ୍ଭର ପ୍ରଶଂସା କରନ୍ତୁ ଯାବତୀୟ ଗୋଷ୍ଠୀ ତୁମ୍ଭର ପ୍ରଶଂସା କରନ୍ତୁ ।

ପୃଥିବୀ ନିଜ ଫଳ ଉତ୍ପନ୍ନ କରିଅଛି, ପରମେଶ୍ୱର, ଆମ୍ଭମାନଙ୍କ ପରମେଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କରିବେ । ପରମେଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କରିବେ ଓ ପୃଥିବୀର ସମସ୍ତ ପ୍ରାନ୍ତ ତାହାଙ୍କୁ ଭୟ କରିବେ ।

ସଦାପ୍ରଭୁ ଆମ୍ଭମାନଙ୍କୁ ଆନନ୍ଦ, ଶାନ୍ତି, କୃପା, ପରିତ୍ରାଣ, ଦୈନିକ ଯତ୍ନ, ସ୍ୱର୍ଗରେ ତାହାଙ୍କ ସହିତ ଚିରନ୍ତନ ସହବାସ ବିଷୟରେ ଆମ୍ଭମାନଙ୍କୁ ଆଶୀର୍ବାଦ କରିବାକୁ ଇଚ୍ଛା କରନ୍ତି । ସେ ବାକ୍ୟରେ ଆମ୍ଭମାନଙ୍କୁ ଆଶୀର୍ବାଦ କରିବାକୁ ଇଚ୍ଛା କରନ୍ତି । ସେ ବାକ୍ୟର ଆଜ୍ଞାବହତା ଦ୍ୱାରା ଆମ୍ଭମାନଙ୍କ ଜୀବନ ଚଲାଇବାକୁ ଚାହାନ୍ତି । ଆମ୍ଭମାନଙ୍କ ଜୀବନରେ ତାହାଙ୍କ ବାକ୍ୟ ପାଳନ କଲେ, ସେ ଆମ୍ଭମାନଙ୍କ ଜୀବନରେ ଆଶୀର୍ବାଦ କରିବେ । ସେ ଆମ୍ଭମାନଙ୍କୁ ନ୍ୟାୟରେ ବିଚାର କରିବେ ।

* * *

ଆମ୍ଭମାନଙ୍କ ଜୀବନ ନିମନ୍ତେ ଆବଶ୍ୟକୀୟ ଶସ୍ୟ, ଫଳ ଇତ୍ୟାଦି ଭୂମି ଉତ୍ପାଦନ କରେ। ସେ କେବଳ ଆମ୍ଭମାନଙ୍କ ଠାରୁ, ଗୌରବ, ସମ୍ମାନ, ପ୍ରଶଂସା, ଆରାଧନା ଲୋଡ଼ନ୍ତି।

ଆମ୍ଭେମାନେ କାହିଁକି ଏଠାରେ ଅଛୁ? ଆମ୍ଭମାନଙ୍କ ଜୀବନର ଲକ୍ଷ୍ୟ କଅଣ? ଆମ୍ଭେମାନେ କେଉଁଠାକୁ ଯାଉଛୁ? ଏହି ସବୁ ପ୍ରଶ୍ନର ଉତ୍ତର ଆମ୍ଭେମାନେ ପବିତ୍ର ବାକ୍ୟ ଧ୍ୟାନ କରିବା ଦ୍ୱାରା ଜାଣପାରୁ। ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ପରମେଶ୍ୱରଙ୍କ ଯୋଜନା ଅଛି। ଆମ୍ଭେମାନେ ତାହାଙ୍କ ଇଚ୍ଛାରେ ବଶୀଭୂତ ହେଲେ ସେ ଆମ୍ଭମାନଙ୍କୁ ଆଶୀର୍ବାଦ କରିବେ।

ମନୁଷ୍ୟ, ପରମେଶ୍ୱରଙ୍କ ଆଶୀର୍ବାଦ ବିନା ଏହି ଜାଗତରେ ବଞ୍ଚି ପାରେ ନାହିଁ। ସେ ଆମ୍ଭମାନଙ୍କ ଆମ୍ଭମାନଙ୍କ ଆମ୍ଭମାନଙ୍କ ପ୍ରତ୍ୟେକ ସମସ୍ୟାରୁ ବଞ୍ଚିତ କରିବାକ ସମର୍ଥ ପରମେଶ୍ୱର ଅଟନ୍ତି। ଆସ ଆମ୍ଭେମାନେ ତାହାଙ୍କ ଆଧିପତ୍ୟ ସ୍ୱୀକାର କରୁ ଓ ଆଶୀର୍ବାଦ ପ୍ରାପ୍ତ ହେଉଁ। ସେ ଆମ୍ଭମାନଙ୍କୁ ନିର୍ଣ୍ଣୟ ନେବାକୁ ସ୍ୱଇଚ୍ଛା ଦେଇ ଅଛନ୍ତି। ତାହାଙ୍କ ଆଜ୍ଞା ପାଳନ କରି ତାହାଙ୍କ ଆଶୀର୍ବାଦ ପ୍ରାପ୍ତ ହେଉ ଅଥବା ଅଗ୍ରାହ୍ୟ କରି ଦଣ୍ଡ ଭୋଗ କରୁ। ଆମ୍ଭମାନଙ୍କ ଜୀବନର ସନ୍ତୋଷ ଆମ୍ଭମାନଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରେ।

**- Wayne Barrier**

❋❋❋

# ରକ୍ଷଣାକାରୀ ପରମେଶ୍ୱର

## (The Saving God)

ଆମ୍ଭମାନଙ୍କ ଆଦି ପିତାମାତା ଆଦମ ଓ ହବା। ପରମେଶ୍ୱରଙ୍କ ଆଜ୍ଞାଲଙ୍ଘନ କରି ପରମେଶ୍ୱରଙ୍କଠାରୁ ବିଚ୍ଛିନ୍ନ ହେଲେ। ଆତ୍ମିକ ମୃତ୍ୟୁ ସଙ୍ଗେ ୨ ଶାରିରୀକ ମୃତ୍ୟୁ ଏହି ଜଗତରେ ପ୍ରବେଶ କଲା। ପ୍ରେମମୟ ପରମେଶ୍ୱର ବିନିଷ୍ଟ ହେଉଥିବା ମାନବ ସମାଜର ପରିତ୍ରାଣ ନିମନ୍ତେ ଏକ ପରିତ୍ରାଣ କର୍ତ୍ତା। ସ୍ତ୍ରୀ ଗର୍ଭ ଦ୍ୱାରା ଏହି ଜଗତକୁ ଆସିବେ ବୋଲି ପ୍ରତିଜ୍ଞା କରିଥିଲେ। (ଆଦି ୩:୧୫) ଅନେକ ଶତାବ୍ଦୀ ପରେ ସେହି ସ୍ତ୍ରୀଜାତ ପରିତ୍ରାଣ କର୍ତ୍ତାଙ୍କର ଏହି ଜଗତରେ ଆଗମନ ହୋଇଥିଲା। ଏହି ଜଗତରେ ସେତେବେଳେ ପର୍ଯ୍ୟନ୍ତ ଜନ୍ମଗ୍ରହଣ କରି ନ ଥିବା ମାନବ ସମାଜ ନିମନ୍ତେ ଜ୍ଞାନୀ ପରମେଶ୍ୱରଙ୍କ ଦୟା ଅପାର। ସର୍ବଶକ୍ତିମାନ ପରମେଶ୍ୱରଙ୍କ ପରିତ୍ରାଣର ଯୋଜନାରେ ଅନେକ ରାଜ୍ୟ ଗଠନ ହେଲା,

ଅନେକ ରାଜ୍ୟର ପତନ ହେଲା । ପରାକ୍ରମଶାଳୀ ରାଜାମାନେ ଏହି ରହସ୍ୟମୟ ଯୋଜନାରେ ଅଜ୍ଞାତଭାବେ ପାତ୍ର ଗ୍ରହଣ କରିଥିଲେ । ସର୍ବଶକ୍ତିମାନ ପ୍ରେମମୟ ପରମେଶ୍ୱର ପରିତ୍ରାଣର ଯୋଜନାରେ ଏକ ଦେଶ, ଏକ ଜାତି, ଏକ ପରିବାର ଅନ୍ତର୍ଭୁକ୍ତ କରାଇଲେ ।

ସଦାପ୍ରଭୁ ପରମେଶ୍ୱର ସ୍ତ୍ରୀ ସନ୍ତାନ ଦ୍ୱାରା ଏହି ଜଗତକୁ ଉଦ୍ଧାର କରିବେ ବୋଲି କରିଥିବା ପ୍ରତିଜ୍ଞାର ୨୦୦୦ ବର୍ଷ ପରେ ସେ ଅବ୍ରାହାମଙ୍କୁ ଏକ ମହାଗୋଷ୍ଠୀ ରୂପେ ଆଶୀର୍ବାଦ କରିବା ନିମନ୍ତେ ମନୋନୀତ କରିଥିଲେ । (ଆଦି: ୧୨) ସ୍ତ୍ରୀଜାତ ରକ୍ଷଣାକର୍ତ୍ତା ନିମନ୍ତେ ଇଶ୍ରାଏଲ ଗୋଷ୍ଠୀ, ଇଶ୍ରାଏଲ ଦେଶ ଗଠିତ ହେଲା । ବାକ୍ୟ କହେ, "ଅବ୍ରାହାମ ଓ ତାହାଙ୍କ ସନ୍ତାନ ପ୍ରତି ପ୍ରତିଜ୍ଞା ସମୂହ ଉକ୍ତ ହୋଇଥିଲା । ଅନେକଙ୍କୁ ଲକ୍ଷ୍ୟ କରି ସନ୍ତାନମାନଙ୍କୁ ବୋଲି କୁହାଯାଏ ନାହିଁ, କିନ୍ତୁ ଜଣକୁ ଅର୍ଥାତ୍ ଖ୍ରୀଷ୍ଟଙ୍କୁ ଲକ୍ଷ୍ୟ କରି ତୁମ୍ଭର ସନ୍ତାନକୁ ବୋଲି କୁହାଯାଏଁ (ଗାଲାତୀ ୩: ୧୬)

ଅବ୍ରାହାମଙ୍କୁ ପ୍ରତିଜ୍ଞା କରିବାର ଅନେକ ବର୍ଷ ପରେ ତାହାଙ୍କ ପ୍ରପୌତ୍ର ଯିହୂଦାଙ୍କୁ ପ୍ରତିଜ୍ଞା କରାଯାଇଥିଲା । "ଶୀଲାର (ଶାନ୍ତିକର୍ତ୍ତାଙ୍କର) ଆଗମନ ପର୍ଯ୍ୟନ୍ତ ଯିହୂଦାଠାରୁ ରାଜଦଣ୍ଡ ଓ ତାହାର ଚରଣଦ୍ୱୟ ମଧ୍ୟରୁ ବିଚାରକର୍ତ୍ତାର ଯଷ୍ଟି ଯିବ ନାହିଁ, ତାହାଙ୍କ ନିକଟରେ ଲୋକମାନେ ଅଧିନତା ସ୍ୱୀକାର କରିବେ ।" (ଆଦି ୪୯: ୧୦) ମନୁଷ୍ୟର ପରିତ୍ରାଣ ନିମନ୍ତେ ଆଗତ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ...ଯିହୂଦା ବଂଶଜାତ ସିଂହ ଓ ଦାଉଦଙ୍କ ମୂଳ.." (ପ୍ରକାଶିତ ୫:୫) ବୋଲି କୁହାଯାଏ ।

ପ୍ରଥମ ବଂଶାବଳୀ ଦ୍ୱିତୀୟ ଅଧ୍ୟାୟ ଓ ମାଥିଉ ପ୍ରଥମ ଅଧ୍ୟାୟରୁ ଯିହୂଦାଙ୍କ ପାଞ୍ଚ ପୁତ୍ର ଥିଲେ ବୋଲି ଜାଣିପାରୁ । ପ୍ରଥମ ତିନିପୁତ୍ର ଏର୍ ଓନସ୍, ଶେଲା ତାହାଙ୍କ ଭାର୍ଯ୍ୟା ବତ୍‌ଶୂୟା ଓ ପଞ୍ଚମ ଓ ଷଷ୍ଠ ପୁତ୍ର ପେରସ ଓ ସେରହଗ ତାହାଙ୍କ ପୁତ୍ରବଧୂ ତାମର ଦ୍ୱାରା ଜନ୍ମଗ୍ରହଣ କରିଥିଲେ । ପେରସଙ୍କ ବଂଶଜ ଶାଲମୋନ, ରାହୋବ ବେଶ୍ୟାକୁ ବିବାହ କରିଥିଲେ । ସେମାନଙ୍କ ପୁତ୍ର ବୟୋଜ, ମୋୟାବୀୟ ଋତଙ୍କୁ ବିବାହ କରି ଓବେଦଙ୍କୁ ଜନ୍ମଦେଲେ । । ଓବେଦ, ଦାଉଦ ରାଜାଙ୍କ ପିତାମହ ଅଟନ୍ତି । ଅବ୍ରାହାମଙ୍କ ଠାରୁ ଦାଉଦ ପର୍ଯ୍ୟନ୍ତ ମୋଟ ଚତୁର୍ଦ୍ଦଶ ବଂଶଧର ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । ଦାଉଦଙ୍କ ପରିବାର ସେହି ବୀଜ ଏହି ପୃଥିବୀରେ ଜନ୍ମଗ୍ରହଣ କରିବା ନିମନ୍ତେ ମନୋନୀତ ହୋଇଥିଲେ । ଦାଉଦଙ୍କ ଦୁଇ ପୁତ୍ର ଯୀଶୁଙ୍କ ଏହି ଜଗତର ମାତା, ପିତାଙ୍କ ବଂଶର କୂଳପତି । ଦାଉଦଙ୍କ ପୁତ୍ର ଶଲୋମନ ବଂଶ ଦ୍ୱାରା ଯୋସେଫ ଓ ନାଦନଙ୍କ ବଂଶ ଦ୍ୱାରା ମରିୟମ ଜନ୍ମ ଗ୍ରହଣ କରିଥିଲେ । ମାଥିଉଙ୍କ ଲେଖନ ଅନୁଯାୟୀ ଅବ୍ରାହାମଙ୍କ ଠାରୁ ଦାଉଦଙ୍କ ପର୍ଯ୍ୟନ୍ତ ୨୮

ପୁରୁଷ ପ୍ରାୟ ୧୨୦୦ ବର୍ଷ । (ମାଥିଉ ୧ମ ପର୍ବ) ସେହି ବାରଶହ ବର୍ଷ ପରିଧିରେ ଅସଂଖ୍ୟ ବଂଶଧର ଜନ୍ମଗ୍ରହଣ କଲେ ହେଁ ସଦାପ୍ରଭୁ, ପରିତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କୁ ମନୋନୀତ କରିଥିଲେ । ଏହି ଦୀର୍ଘ ୪୦୦୦ ବର୍ଷ କାଳ ଅବଧିରେ (ହବାଙ୍କୁ ଠାରୁ ମରିୟମ ପର୍ଯ୍ୟନ୍ତ) ଯୀଶୁଙ୍କ ଆଗମନ ନିମନ୍ତେ ପଥ ପ୍ରସ୍ତୁତ କରାଯାଇଥିଲା । ପରାକ୍ରମଶାଳୀ ରାଜାମାନଙ୍କ ଦ୍ୱାରା ଏହି ଦୁର୍ବଳ ଯିହୁଦା ଜାତିର ବିଲୁପ୍ତ ହେବାର ସମ୍ଭାବନା ଥିଲା । କିନ୍ତୁ ଈଶ୍ୱର ଯୋଜନାଙ୍କ ପବିତ୍ର ଯୋଜନାକୁ କୌଣସି ଶକ୍ତି ପରାସ୍ତ କରି ପାରିନଥିଲା ।

"କିନ୍ତୁ କାଳ ସମ୍ପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ, ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧୀନ ହେଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ ।" (ଗାଲାତୀ ୪:୪-୫) ତାହାଙ୍କ ପୁତ୍ରର ଅର୍ଥ ଏଠାରେ ଏକ ଜାଗଦତିକ ପିତାର ପୁତ୍ର ନୁହେଁ । ଯୀଶୁ ଏକ କନ୍ୟା ଦ୍ୱାରା ଏହି ଜଗତ ଜନ୍ମିତ ହେଲେ ହେଁ, ସେ ଜଗତର ଉତ୍ପତ୍ତି ପୂର୍ବରୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି । ଯୀଶୁଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର, ନିଜେ ଈଶ୍ୱର ଅଟନ୍ତି । ସେ ସନାତନ ଈଶ୍ୱରଙ୍କ ପ୍ରତିମୂର୍ତ୍ତି । "...ଯେ ମୋତେ ଦର୍ଶନ କରିଅଛି, ସେ ପିତାଙ୍କୁ ଦର୍ଶନ କରିଅଛି । ..." (ଯୋହନ ୧୪:୯) ବୋଲି ଯୀଶୁ ଫିଲିପଙ୍କୁ କହିଥିଲେ । ସେ ପିତା ପରମେଶ୍ୱରଙ୍କୁ ପ୍ରାର୍ଥନା କରି କହିଥିଲେ । "...ଜଗତର ପତନ ପୂର୍ବେ ତୁମ୍ଭେ ମୋତେ ପ୍ରେମ କରିଥିବାରୁ..." (ଯୋହନ ୧୭:୨୪)

ପୁତ୍ର ପରମେଶ୍ୱର ଯୀଶୁଖ୍ରୀଷ୍ଟ, ପିତା ପରମେଶ୍ୱରଙ୍କ ଠାରୁ ଜନ୍ମଗ୍ରହଣ କରି ନ ଥିଲେ । କିନ୍ତୁ ସେ ପିତାଙ୍କ ସମ ଈଶ୍ୱର ଅଟନ୍ତି, ସେ ପିତାଙ୍କ ସମ ଅଟନ୍ତି । ସର୍ବଶକ୍ତିମାନ, ସର୍ବଜ୍ଞାନୀ ଓ ସର୍ବବ୍ୟାପୀ ଅଟନ୍ତି । ଯୀଶୁଖ୍ରୀଷ୍ଟ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ସତ୍ୟତା ଯେପରି ମନୁଷ୍ୟ ସମାଜ ଜାଣି ପାରିବ, ଏଥି ନିମନ୍ତେ ବାଇବଲ ଲିଖିତ ହୋଇଅଛି । (ଯୋହନ ୨୦:୩୦-୩୧) । "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ ।" (ଯୋହନ ୧:୧)

ଯୀଶୁ ପ୍ରଭୁ ପିତା ପରମେଶ୍ୱରଙ୍କୁ ପିତା ବୋଲି ସମ୍ବୋଧନ କରୁଥିବାରୁ ଯିହୁଦୀ ମାନେ ତାହାଙ୍କୁ ପଥର ଫୋପାଡ଼ିବା ନିମନ୍ତେ ଚେଷ୍ଟା କଲେ । ଯୀଶୁଙ୍କ ଦ୍ୱାରା କୃତ ଉତ୍ତମ କର୍ମ ନିମନ୍ତେ କି ସେମାନେ ତାହାଙ୍କୁ ପଥର ଫୋପାଡିବା ଚେଷ୍ଟା କରୁ ଅଛି ବୋଲି ଯୀଶୁ ସେମାନଙ୍କୁ ପ୍ରଶ୍ନ କରିଥିଲେ । ସେମାନେ ଉତ୍ତର ଦେଲେ, "...ଉତ୍ତମ କର୍ମ ନିମନ୍ତେ ଆମ୍ଭେମାନେ ତୋତେ ପଥର ଫୋପାଡ଼ୁ ନାହୁଁ । କିନ୍ତୁ ଈଶ୍ୱର ନିନ୍ଦା ନିମନ୍ତେ ପୁଣି ତୁ ମନୁଷ୍ୟ ହୋଇ

ଆପଣାଙ୍କୁ ଈଶ୍ୱର ବୋଲାଉଥିବାରୁ" । (୩୩ମ) ସେ ପିତା ପରମେଶ୍ୱର ଓ ପବିତ୍ର ଆତ୍ମାଙ୍କ ସମତୁଲ୍ୟ ପରମେଶ୍ୱର ଅଟନ୍ତି । ସେହି ପରମେଶ୍ୱର ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟ, ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । ଏହା ହିଁ ପରମେଶ୍ୱରଙ୍କ ରହସ୍ୟ । ସର୍ବଶକ୍ତିମାନ, ମହିମାପୁତ୍ର ଓ ଅତ୍ୟନ୍ତ ପବିତ୍ର ପୁତ୍ର ପରମେଶ୍ୱର ଆପଣାଙ୍କୁ ଶୂନ୍ୟ କରି । ଆପଣା ସମସ୍ତ ଐଶ୍ୱର୍ଯ୍ୟ ପରିତ୍ୟାଗ କରିଏହି ଜଗତରେ ଦରିଦ୍ର୍ୟ ହୋଇ ଜନ୍ମଗ୍ରହଣ କରିଥିଲେ । (୨ କରନ୍ଥୀ ୮:୯) । ସେ ତୁଚ୍ଛ କରି ଏହି ଜଗତକୁ ଆସିଥିବା ଧନର ମୂଲ୍ୟ ଆମ୍ଭମାନଙ୍କ କଳ୍ପନାତୀତ । ସେ ସ୍ୱର୍ଗୀୟ ଜୀବନ ପରିତ୍ୟାଗ କରି ଦୁଃଖ, କଷ୍ଟ, ଅଶ୍ରୁ, ପାପ ଓ ମୃତ୍ୟୁରେ ଭରପୁର ଏହି ଜଗତରେ ଜନ୍ମଗ୍ରହଣ କଲେ । ମନୁଷ୍ୟର ଦୁଃଖ ଯନ୍ତ୍ରଣା ପାପଭାର କ୍ରୁଶରେ ଅନ୍ତ କରିଅଛନ୍ତି । ସେ ଆମ୍ଭମାନଙ୍କ ପାପ ନିମନ୍ତେ, ଆପଣାଙ୍କୁ ଅର୍ପଣ କଲେ । ଆମ୍ଭମାନଙ୍କ ପାପର ଭାର ତାହାଙ୍କ ଉପରେ ବର୍ତ୍ତିଲା । ସେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁବରଣ କଲେ । ଆମ୍ଭମାନଙ୍କ ନିମନ୍ତେ ପ୍ରସ୍ତୁତ କ୍ଲେଶର ପାତ୍ର ସେ ସେବନ କଲେ, ଆମ୍ଭମାନଙ୍କ ଋଣ ସେ ସୁଝିଲେ, ତାହାଙ୍କ ଆଘାତରେ ଆମ୍ଭେମାନେ ସୁସ୍ଥ ହେଲୁ ।

ପିତାଙ୍କ ନ୍ୟାୟପୀଠରେ ନିର୍ଦ୍ଦୋଷୀ ପୁତ୍ରଙ୍କ ବଳି ଅର୍ପଣ କରାଗଲା । ସେ ଦୁଃଖ ଯନ୍ତ୍ରଣା ସହିଲେ ଓ ଆମ୍ଭମାନଙ୍କ ବଦଳେ ସେ ଈଶ୍ୱରଙ୍କ କ୍ରୋଧର ସମ୍ମୁଖୀନ ହେଲେ । ଆମ୍ଭମାନଙ୍କ ଆଜ୍ଞାଲଙ୍ଘନର ଭାର ସେ ବହନ କଲେ । ନିରପେକ୍ଷପାତୀ ନ୍ୟାୟ ଓ ପରିତ୍ରାଣଦାୟକ ପ୍ରେମ କ୍ରୁଶୀୟ ମୃତ୍ୟୁରେ ପ୍ରସ୍ଫୁଟିତ ହୁଏ । "ଦୟା ଓ ସତ୍ୟତା ପରସ୍ପର ମିଳିତ ହୋଇ ଅଛନ୍ତି, ଧର୍ମ ଓ ଶାନ୍ତି ପରସ୍ପର ଚୁମ୍ବନ କରି ଅଛନ୍ତି । (ଗୀତ ୮୫:୧୦) ତାହାଙ୍କ ଇଚ୍ଛାନୁଯାୟୀ ଯେଉଁମାନେ ପରିତ୍ରାଣ ଖୋଜନ୍ତି, ସମସ୍ତଙ୍କ ଉପରେ ନ୍ୟାୟ ପରମେଶ୍ୱରଙ୍କ ନ୍ୟାୟ, ଦୟା, ପ୍ରେମ, ଶାନ୍ତି ବର୍ତ୍ତେ ।

**- Keneth L. Randolph**

❃❃❃

# ପରମେଶ୍ୱର ସହ ବ୍ୟକ୍ତିଗତ ସମ୍ବନ୍ଧ

## (Personal Relation with God)

ପୁରାତନ ନିୟମର ବିଶ୍ୱାସ ଯୋଦ୍ଧାମାନଙ୍କର । ପରମେଶ୍ୱରଙ୍କ ସହ ଏକ ଅତୁଟ ବ୍ୟକ୍ତିଗତ ସମ୍ବନ୍ଧ ରହିଥିବା ବିଷୟ ଈଶ୍ୱରଙ୍କ ବାକ୍ୟ ସୁସ୍ପଷ୍ଟ କରେ । ବାକ୍ୟ କହେ, "ହନୋକ ପରମେଶ୍ୱରଙ୍କ ସହିତ ଗମନାଗମନ କଲେ ଆଉ ସେ ଅନ୍ତର୍ହିତ ହେଲେ । ଯେହେତୁ ପରମେଶ୍ୱର ତାଙ୍କୁ ଗ୍ରହଣ କଲେ । (ଆଦି ୫:୨୪)" । ପରମେଶ୍ୱରଙ୍କ ସହ ହନୋକଙ୍କ ଦୃଢ଼ ସମ୍ବନ୍ଧ ରହିଥିବାରୁ ସେ ଏହି ଜାଗତିକ ମୃତ୍ୟୁ ଆସ୍ୱାଦନ ନ କରି, ସ୍ୱର୍ଗକୁ ଆନୀତ ହେବାର ତିନି ବ୍ୟକ୍ତିମାନଙ୍କ ମଧ୍ୟରୁ ହନୋକ ପ୍ରଥମ ବ୍ୟକ୍ତି । ପରମେଶ୍ୱରଙ୍କ ସହ ତାଙ୍କ ସମ୍ବନ୍ଧ ଏତେ ଗାଢ଼ ଥିଲା ଯେ, ପରମେଶ୍ୱର ତାହାଙ୍କୁ ମୃତ୍ୟୁ ଭୋଗିବାକୁ ନ ଦେଇ ସଦେହରେ ତାହାଙ୍କ ନିକଟକୁ ନେଇ ଯାଇ ଥିଲେ । ପ୍ରତ୍ୟେକ ମନୁଷ୍ୟ ମୃତ୍ୟୁ ଭୋଗିବେ, (ଏବ୍ରୀ ୯:୨୭) କିନ୍ତୁ ହନୋକଙ୍କୁ ପରମେଶ୍ୱର ମୃତ୍ୟୁରୁ ରକ୍ଷା କରିଥିଲେ ।

ହନୋକ ପରମେଶ୍ୱରଙ୍କ ସହିତ, ଗମନାଗମନ କଲେ । ତାହାଙ୍କ ନିମନ୍ତେ ପରମେଶ୍ୱରଙ୍କ ସହଭାଗିତା ଜୀବନ ସର୍ବଶ୍ରେଷ୍ଠ ବିଷୟ ଥିଲା । ବିଶ୍ୱାସ ଦ୍ୱାରା ହନୋକ ମୃତ୍ୟୁ ଭୋଗ ନ କରି ଅନ୍ତର୍ହିତ ହେଲେ ; ଆଉ ସେ ଦେଖାଗଲେ ନାହିଁ, କାରଣ ଈଶ୍ୱର ତାଙ୍କୁ ଅନ୍ତର୍ହିତ କରିଥିଲେ । ସେ ଈଶ୍ୱରଙ୍କ ସନ୍ତୋଷପାତ୍ର, ଅନ୍ତର୍ହିତ ହେବା ପୂର୍ବେ ଏହି ସାକ୍ଷ୍ୟ ପ୍ରାପ୍ତ ହୋଇଥିଲେ । (ଏବ୍ରୀ ୧୧:୫) ସନ୍ନିହିତ ସମ୍ବନ୍ଧ ଥିବା ବ୍ୟକ୍ତିମାନଙ୍କୁ ଆମ୍ଭେମାନେ ପ୍ରେମ ପ୍ରକଟ କରିଥାଉ । ହନୋକ ପରମେଶ୍ୱରଙ୍କ ସନ୍ତୋଷଜନକ ଜୀବନ ଯାପନ କରିଥିଲେ । ଆଦମଙ୍କ ସପ୍ତମ ପୁରୁଷ ଯେ ହନୋକ, ସେ ମଧ୍ୟ ସେମାନଙ୍କ ବିଷୟରେ ଭାବବାଣୀ ପ୍ରଚାର କରି କହିଥିଲେ, ଦେଖ, ପ୍ରଭୁ ସମସ୍ତଙ୍କର ବିଚାର କରିବା ନିମନ୍ତେ ପୁଣି ଅଧାର୍ମିକ ଲୋକ ସମସ୍ତେ ନିଜ ଅଧାର୍ମିକତାରେ ଯେଉଁ ସବୁ ଅଧାର୍ମିକ କର୍ମ କରିଅଛନ୍ତି ଓ ଅଧାର୍ମିକ ପାପୀମାନେ ତାହାଙ୍କ ବିରୁଦ୍ଧରେ ଯେଉଁ ସବୁ କଟୁ କଥା କହିଅଛନ୍ତି ସେ ସମସ୍ତ ବିଷୟରେ ସେମାନଙ୍କୁ ଦୋଷୀ କରିବା ନିମନ୍ତେ ଆପଣା ଅସଂଖ୍ୟ ସାଧୁଙ୍କ ସହିତ ଆସୁଅଛନ୍ତି । (ଯିହୂଦା ୧୪) । ଧାର୍ମିକ ଜୀବନଯାପନର ପ୍ରାଧାନ୍ୟତା ସେ, ଦୁଷ୍ଟ ସମାଜକୁ ପ୍ରଚାର କରିଥିଲେ ।

ଗମନାଗମନର ଅର୍ଥ ଜଣେ ବିଶ୍ୱାସୀ ପ୍ରଭୁଙ୍କ ଦୃଷ୍ଟିରେ ଯାହା ଉତ୍ତମ ତାହା କରିବା, ଏହା ପ୍ରତ୍ୟେକ ଯୁଗର ମନୁଷ୍ୟ ମାନଙ୍କ ନିମନ୍ତେ ଅତ୍ୟାବଶ୍ୟକ । ଶାରିରୀକ ଭାବେ ଦେଖିଲେ,

ଦେବା।" ସେଥିରେ ପିତର ତାହାଙ୍କୁ ଉତ୍ତର ଦେଲେ, ଦେଖନ୍ତୁ, ଆମ୍ଭେମାନେ ସମସ୍ତ ପରିତ୍ୟାଗ କରି ଆପଣଙ୍କ ଅନୁଗାମୀ ହୋଇଅଛୁ। ଆମ୍ଭେମାନେ ତେବେ କଅଣ ପାଇବା? ଯୀଶୁ ସେମାନଙ୍କୁ କହିଲେ। ମୁଁ ତୁମ୍ଭମାନଙ୍କୁ ସତ୍ୟ କହିଅଛି। ନୂତନ ସୃଷ୍ଟିରେ ଯେତେବେଳେ ଆପଣା ଗୌରବମୟ ସିଂହାସନରେ ଉପବେଶନ କରିବେ ସେତେବେଳେ ମୋହର ଅନୁଗାମୀ ହୋଇଅଛ ଯେ, ତୁମ୍ଭେମାନ ମଧ୍ୟ ଦ୍ୱାଦଶ ସିଂହାସନରେ ଉପବେଶନ କରି ଇଶ୍ରାଏଲର ଦ୍ୱାଦଶ ଗୋଷ୍ଠୀଙ୍କ ଶାସନ କରିବ। ପୁଣି ଯେ କେହି ମୋହର ନାମ ସକାଶେ ଗୃହ କି ଭ୍ରାତା କି ଭଗ୍ନୀ କି ମାତା କି ସନ୍ତାନ ସନ୍ତୁତି କି ଭୂମି ପରିତ୍ୟାଗ କରେ। ସେ ବହୁଗୁଣ ପାଇବ, ପୁଣି ଅନନ୍ତ ଜୀବନର ଅଧିକାରୀ ହେବ। (ମାଥିଉ ୧୯:୨୬:୨୯)

ଆପଣାକୁ ଅସ୍ୱୀକାର କରିବାର ଅର୍ଥ, ଆମ୍ଭମାନଙ୍କ ଆତ୍ମାର ପରିତ୍ରାଣ ନିକଟବର୍ତ୍ତୀ ହେବା। ଆପଣାର ସବୁ ଗତିରେ ତାହାଙ୍କୁ ସ୍ୱୀକାର କର, ତହିଁରେ ସେ ତୁମ୍ଭର ପଥସବୁ ସରଳ କରିବେ। (ହିତ ୩:୬)। ପରମେଶ୍ୱରଙ୍କୁ ସ୍ୱୀକାର କଲେ ପରମେଶ୍ୱର ମହିମାନ୍ୱିତ ହେବେ। ସେହି ପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କର ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ। (ମାଥିଉ ୫:୧୬)। ମାଥିଉ ୬:୩ ପର୍ବରେ ଯୀଶୁ କହନ୍ତି "କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ।" ପରମେଶ୍ୱରଙ୍କ ସହ ଗମନାଗମନ କରିବାର ଅର୍ଥ, ତାହାଙ୍କ ସନ୍ତୋଷମୟ ଜୀବନ ଯାପନ କରିବା ଆଜିର ସମାଜର ଅସଂଖ୍ୟ ଲୋକେ ପରମେଶ୍ୱରଙ୍କ ସହ ଗମନାଗମନ କରୁ ନାହାନ୍ତି। କାରଣ ସେମାନେ ଆପଣଙ୍କୁ ଅସ୍ୱୀକାର କରିବାରେ ଅସମର୍ଥ। ଧନୀ ଯୁବକ ପରମେଶ୍ୱର ସହ ଗମନାଗମନ ନ କରି ବିମୁଖ ହୋଇ ଚାଲିଯାଇଥିଲାଷ। ତାହାଙ୍କ ସଦୃଶ୍ୟ ଆମ୍ଭେମାନେ କି ସ୍ୱାର୍ଥ ଅଟୁ?

ଧନୀଯୁବକ ସଦୃଶ୍ୟ ଯୀଶୁଙ୍କ ସମୟର ଅଧିକାରୀମାନେ ସ୍ୱାର୍ଥପର ଥିଲେ। ସେମାନେ ଯୀଶୁଙ୍କୁ ଠାରେ ବିଶ୍ୱାସ କଲେ ସୁଦ୍ଧା ତାହାଙ୍କୁ ସ୍ୱୀକାର କଲେ ନାହିଁ। ସମାଜଚ୍ୟୁତ ହେବାର ଉସ୍ର ସେମାନଙ୍କୁ ଯୀଶୁଙ୍କ ଅନୁଗମନରୁ ବିମୁଖ କରିଥିଲା। ସେମାନେ ପରମେଶ୍ୱରଙ୍କ ପ୍ରଶଂସାଠାରୁ ମନୁଷ୍ୟମାନଙ୍କଠାରୁ ପ୍ରଶଂସା ଶ୍ରେୟସ୍କର ଗଣିଲେ। ସ୍ୱାର୍ଥୀ ଅଧିକାରୀମାନେ ପରମେଶ୍ୱରଙ୍କ ସନ୍ତୋଷପାତ୍ର ହୋଇ ପାରିଲେ ନାହିଁ। ଅସ୍ୱୀକାର ନ କରି, ଜୀବନର ଶ୍ରେଷ୍ଠମୟ ପଦକ୍ଷେପ ନ ନେଇ ପଛେଇ ଯାଇଥିଲେ। (ପ୍ରେରିତ ୨୪:୨୫)। ରାଜା ଆଗ୍ରିପା ମାଉଙ୍କ ବ୍ୟକ୍ତି ସୁସମାଚାରରେ ବିଶ୍ୱାସ ନ କରି, ଅମାନ୍ୟ କରି ବିନିଷ୍ଟ ହେଲେ। (ପ୍ରେରିତ

୨୬:୨୮)।

ପ୍ରିୟ ବନ୍ଧୁ ପ୍ରଥମେ ଆପଣାକୁ ନମ୍ର କର, ଆପଣାକୁ ଅସ୍ୱୀକାର କରନ୍ତୁ ପରମେଶ୍ୱରଙ୍କ ବାକ୍ୟରେ ମନଯୋଗ କରନ୍ତୁ । (ଏବ୍ରୀ ୧୧:୬) । ପରମେଶ୍ୱରଙ୍କ ଠାରେ ବିଶ୍ୱାସ କର, ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କଠାରେ ଆପଣା ବିଶ୍ୱାସ ସ୍ୱୀକାର କରନ୍ତୁ । (ଲୂକ ୧୩:୩) । ଆପଣା ଆପଣା ପାପ ତାହାଙ୍କ ନିକଟରେ ସ୍ୱୀକାର କରନ୍ତୁ । (ପ୍ରେରିତ ୮:୩୭) ପାପ କ୍ଷମା ନିମନ୍ତେ ବାପ୍ତିଜିତ ହେଉନ୍ତୁ (ପ୍ରେରିତ ୨:୩୮) । ଆପଣ ଆପଣାକୁ ପରିବର୍ତ୍ତିତ କରି, ନୂତନ ଜୀବନ ଯାପନ କରନ୍ତୁ (ରୋମୀୟ ୬:୩,୪) । ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନ ଯାପନ କଲେ । ସେ ଆମ୍ଭମାନଙ୍କୁ ଜୀବନ ରୂପ ସଂକଟ ପ୍ରଦାନ କରିବେ । (ପ୍ରେରିତ ୨:୧୦) । ଖ୍ରୀଷ୍ଟଙ୍କଠାରେ ନୂତନ ସୃଷ୍ଟି ଖ୍ରୀଷ୍ଟଙ୍କ ଗୁଣ ସବୁ ଧାରଣ କରି ପରମେଶ୍ୱରଙ୍କ ଦୃଷ୍ଟିରେ ସନ୍ତୋଷଜନକ ଜୀବନଯାପନ କରନ୍ତୁ ।

ଖ୍ରୀଷ୍ଟଙ୍କଠାରେ ମରଣ ଭୋଗିବା ନିମନ୍ତେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କଠାରେ ଜୀବନଯାପନ କରିବା ଆବଶ୍ୟକ ।

**- Mariel W. Mitchell**

❃❃❃

# ଯିହୁଦାଙ୍କ ପାପ

## (Judas Mistake)

କେବଳ ମୃତ ଓ ନବଜାତ ଶିଶୁମାନେ ପାପ କରନ୍ତି ନାହିଁ । କେତେକଙ୍କ ପାପ ଲଘୁତର ଓ କେତେକଙ୍କ ପାପ ଗୁରୁତର ଗୁରୁତର ପାପର ପ୍ରତିଫଳ ମଧ୍ୟ ଗୁରୁତର ଅଟେ । ଗୁରୁତର ପାପର ଶାସ୍ତି ଅନନ୍ତକାଳୀନ ଶାସ୍ତି ।

ମନୁଷ୍ୟର ସବୁଠାରୁ ଗୁରୁତର ପାପ ଯୀଶୁ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିବା । ଯୀଶୁଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଇଷ୍କାରିଥ୍ ଯିହୂଦା ଯୀଶୁଙ୍କୁ ଅଗ୍ରାହ୍ୟ କରି ନିତ୍ୟ ଦଣ୍ଡରେ ଦଣ୍ଡିତ ହୋଇଥିଲେ ।

**ଯିହୂଦାଙ୍କ ପ୍ରାରମ୍ଭ :** ଯିହୂଦା ବହୁତ ସୁନ୍ଦର ଭାବେ ଯୀଶୁଙ୍କ ଶିଷ୍ୟ ଦଳରେ ଅନ୍ତର୍ଭୁକ୍ତ ହୋଇଥିଲେ । ସେ ଯୀଶୁଖ୍ରୀଷ୍ଟଙ୍କ ଅନ୍ତରଙ୍ଗ ଶିଷ୍ୟ ଥିଲେ । ସେ ଶିଷ୍ୟ ଦଳର କୋଷାଧ୍ୟକ୍ଷ ଥିଲେ ।ସେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ମନୋନୀତ ହୋଇଥିଲେ । ଯୀଶୁ ଖ୍ରୀଷ୍ଟଙ୍କ ସହ ସୁସମାଚାର ପ୍ରଚାରର ସହଭାଗୀ ଥିଲେ । ସ୍ୱର୍ଗରାଜ୍ୟ ପ୍ରକଟନ କରିବା ଦଳରେ ତାହାଙ୍କୁ

ଅନେକ ସୁବର୍ଣ୍ଣ ସୁଯୋଗ ଲବ୍ଧ ଥିଲା । ସେ ଇତିହାସର ଅନେକ ମହତ୍ତ୍ୱପୂର୍ଣ୍ଣ ଘଟଣାର ଚକ୍ଷୁସ୍ୱ ସାକ୍ଷୀ ଥିଲେ । କିନ୍ତୁ ଯିହୂଦା ଆପଣା ହୃଦୟରେ ଶୟତାନଙ୍କୁ ସ୍ଥାନ ଦେଇଥିଲା ସେ ଈଶ୍ୱରଙ୍କ ପୁତ୍ରଙ୍କୁ ବିଶ୍ୱାସଘାତ କରି ପାପର ଅନ୍ଧକାରକୁ ଖସି ଯାଇଥିଲେ । (ଯୋହନ ୧୩:୨୬,୩୦)

**ଯିହୂଦାଙ୍କ ଚରିତ୍ର :-** ଯୋହନ ଦ୍ୱାଦଶ ଅଧ୍ୟାୟରେ ଯିହୂଦାଙ୍କ ଚରିତ୍ର ବର୍ଣ୍ଣିତ ହୁଏ । ଯିହୂଦା "....ଜଣେ ଚୋର ଆଉ ତାହା ନିକଟରେ ଟଙ୍କାଥଳୀ ଥିବାରୁ ସେଥିରେ ଯାହା ରଖାଯାଇଥିଲା ତାହା ସେ ଚୋରି କରି ନେଇଯାଇଥିଲା । (ଯୋହନ ୧୨:୬) । ସେ ଚୋରି କରିଥିବା ଟଙ୍କା କିପରି ବ୍ୟବହାର କରୁଥିଲେ । ବାକ୍ୟରେ କୁହାଯାଏ ନାହିଁ । ସଦ୍ ବ୍ୟବହାରଓ ସେ କରି ନ ଥିବେ । ଲୋଭୀ ଯିହୂଦା ଟଙ୍କା ଥୋଳୀରେ ଥିବା ଟଙ୍କା ଚୋରି କରି ନେଇ ଯାଉଥିଲା ।

ପ୍ରେରିତ ପାଉଲ ଯୁବକ ତୀମଥୀଙ୍କୁ କହନ୍ତି...ଧନଲୋଭ ସମସ୍ତ ଅନିଷ୍ଟର ମୂଳ..." (୧ମ ତୀମଥି ୬:୧୦) । ତାହାଙ୍କ ହୃଦୟର କୁଅଭିଳାଷ ଅନୁସରଣକଲେ, ମାନବ ସମାଜର ସତ୍ୟ ନିତ୍ୟ ବନ୍ଧୁଙ୍କୁ ସେ ବିଶ୍ୱାସଘାତ କରିଥିଲେ ।

**- Bill Dillion**

--୦୦--

# ରାଜଦୂତ
## (Ambassadors)

"ଅତଏବ, ଈଶ୍ୱର ଆମ୍ଭମାନଙ୍କ ଦ୍ୱାରା ଆହ୍ୱାନ କରୁଥିବାରୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ପକ୍ଷର ରାଜଦୂତର କର୍ମ କରୁଅଛୁ । ଖ୍ରୀଷ୍ଟଙ୍କ ପକ୍ଷରୁ ଆମ୍ଭେମାନେ ନିବେଦନ କରୁଅଛୁ, ତୁମ୍ଭେମାନେ ଈଶ୍ୱରଙ୍କ ସହିତ ସମ୍ମିଳିତ ହୁଅ ।" (୧ କରନ୍ଥୀ ୫:୨୦)

"ସମ୍ମିଳନ"ର ପରିଚର୍ଯ୍ୟା କେବଳ ପ୍ରେରିତମାନଙ୍କୁ ହିଁ ଦତ୍ତ ହୋଇ ନାହିଁ । ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏହି ମହାନ କାର୍ଯ୍ୟରେ ଭାଗୀ ହେବା ଆବଶ୍ୟକ । ଖ୍ରୀଷ୍ଟଙ୍କ ରାଜଦୂତ ଯେ ଆମ୍ଭେମାନେ, ଆମ୍ଭମାନଙ୍କ ଉପରେ ଅନେକ କାର୍ଯ୍ୟ ନ୍ୟସ୍ତ କରାଯାଇଅଛି ।

ରାଜଦୂତର କାର୍ଯ୍ୟ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ। ଖ୍ରୀଷ୍ଟଙ୍କୁ ପ୍ରତିନିଧିତ୍ୱ କରିବା ଏକ ଗୌରବମୟ ଅଧିକାର ତଥାପି ଏହା "ପରିଚର୍ଯ୍ୟା" ରୂପେ ବର୍ଣ୍ଣନା କରାଯାଏ । ଅତଏବ ଆମ୍ଭେମାନେ ମହତ୍ତର କର୍ତ୍ତବ୍ୟ ପ୍ରାପ୍ତ ଖ୍ରୀଷ୍ଟଙ୍କ ସେବକ ।

ଏହା ଏକ ପ୍ରତିନିଧିତ୍ୱ କାର୍ଯ୍ୟ । ଆମ୍ଭେମାନେ ସ୍ତ୍ରୀ ଓ ପୁରୁଷ ନିକଟରେ ଖ୍ରୀଷ୍ଟଙ୍କ ପ୍ରତିନିଧିତ୍ୱ କରିଥାଉ । ଆମ୍ଭେମାନେ ଯେପରି ପାପ ହେତୁ ଖ୍ରୀଷ୍ଟଙ୍କଠାରୁ ବିଛିନ୍ନ ନ ହେଉ, ଏଥି ନିମନ୍ତେ ପରିତ୍ରାଣର ଯୋଜନା ପ୍ରସ୍ତୁତ କରାଯାଇ ଅଛି । ଏହି ପରିତ୍ରାଣର ଯୋଜନା ଜଗତରେ ପ୍ରକଟନ ହିଁ ଆମ୍ଭମାନଙ୍କ ପ୍ରଧାନ କାର୍ଯ୍ୟ । ପରମେଶ୍ୱରଙ୍କ ଦତ୍ତ ପରିତ୍ରାଣର ଯୋଜନା ବିନ୍ନୁ କୌଣସି ମନୁଷ୍ୟ ପରିତ୍ରାଣ ପାଇ ପାରିବେ ନାହିଁ ।

ଆମ୍ଭମାନଙ୍କ କାର୍ଯ୍ୟ ଅତି ମହତ୍ତ୍ୱପୂର୍ଣ୍ଣ ଓ ଜରୁରୀ । କାରଣ ଖ୍ରୀଷ୍ଟଙ୍କଠାରୁ ଦୂରରେ ଥିବା ଆତ୍ମାମାନେ ଅନ୍ଧକାରରେ ଓ ବିପଦରେ ଅଛନ୍ତି । ସେମାନେ ସୁରକ୍ଷିତ ଠାରୁ ଦୂରରେ ଅଛନ୍ତି । ସେମାନେ 'ଆଶ୍ରୟ ନଗର'' ରେ ପ୍ରବେଶ କରି ନାହାନ୍ତି । ସେମାନଙ୍କ ଆଶ୍ରୟ ନଗରକୁ ବଡାଇ ନେବା କାର୍ଯ୍ୟ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଉପରେ ନ୍ୟସ୍ତ ହୋଇଅଛି ।

ରାଜଦୂତ ମାନଙ୍କର ଆପଣା ମନ୍ତବ୍ୟ ପ୍ରଦାନ କରିବାକୁ ଅଧିକାର ନାହିଁ କିନ୍ତୁ ସେମାନଙ୍କ କର୍ତ୍ତାଙ୍କର ବାର୍ତ୍ତାବାହକ ଅଟନ୍ତି । ଆମ୍ଭେମାନେ ଖ୍ରୀଷ୍ଟଙ୍କ ବାକ୍ୟର ଆଜ୍ଞାବହ ମାନଙ୍କୁ ପରିତ୍ରାଣ, ପାପକ୍ଷମା ଓ ସମ୍ମିଳନର ପ୍ରତିଜ୍ଞା ପ୍ରକଟନ କରିପାରୁ, କିନ୍ତୁ ଆମ୍ଭମାନଙ୍କ ସ୍ୱମତର ସ୍ଥାନ ନାହିଁ । ଖ୍ରୀଷ୍ଟଧର୍ମରେ ଅନେକ ବିଷୟ ମିଳିତ କରିବା ସମୟରେ, ଆମ୍ଭମାନଙ୍କ ଏହା ମନେ ରଖିବା ଉଚିତ ଯେ, ଯୋଗ ବିଯୋଗ ବିନୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚାର କରୁ ।

ଆମ୍ଭମାନଙ୍କ ବାର୍ତ୍ତା ଗୁରୁତ୍ୱପୂର୍ଣ୍ଣ । ପ୍ରେରିତ ପାଉଲ କହନ୍ତି, "ଖ୍ରୀଷ୍ଟଙ୍କ ପକ୍ଷରୁ ଆମ୍ଭେମାନେ ନିବେଦନ କରୁଅଛୁ, ତୁମ୍ଭେମାନେ ଈଶ୍ୱରଙ୍କ ସହିତ ସମ୍ମିଳିତ ହୁଅ ।" ଖ୍ରୀଷ୍ଟଙ୍କ ରାଜଦୂତ ପ୍ରେରିତ ପାଉଲ ଖ୍ରୀଷ୍ଟଙ୍କ ନିମନ୍ତେ ଅନେକ ପରିଶ୍ରମରେ ଅନେକଙ୍କୁ ଖ୍ରୀଷ୍ଟଙ୍କ ବାର୍ତ୍ତା ପ୍ରକଟନ କରି ତାହାଙ୍କ ନିକଟରୁ ବଡ଼ାଇ ଆଣିଥିଲେ । ଆପଣ, ଆପଣା କାର୍ଯ୍ୟ କିପରି ଭାବେ ନିର୍ବାହ କରୁଅଛନ୍ତି ?

**- Rechard L. Jones**

❋❋❋

**Edited & Published by : Kabita & Joshua Gootam**

# SHAMMAH, A MAN WHO WOULD NOT FLEET
## 2 Samuel 23 : 11, 12

troduction : The Setting

It was a time of war with the Philistines

Outside an Israelite village, people were harvesting a crop of lentils (beans)

Suddenly a raiding band of the enemy appeared, likely to either destroy or steal the crop

) The shout went up, "The Philistines are coming"

All the people fled to the city, leaving the crop.

All but Shammah, he stood his ground

) What do we know a bout this man? Only what is said here, he was the son of Agee, a Hararite from Harar, and he was a courageous man.

) There are some good lessons we can learn from this man's life

**Shammah Stood (verse 12)**

) The First mark of a real man is that he stands

I) Snakes creep, beasts go on all fours, birds fly, but man STANDS

) The Man of God stands and fights for the right. (Eph. 6:4). "Stand therefore" the Apostle Paul encourages the C stian

1) Others ran, Shammah stood
2) Likely his own family ran, but he still stood
3) He was outnumbered, he faced fighting men, he still stood

:) We need Christians today who will stand and be unmovable for the right. (1 Cor. 15:58)

I) In Joshua 23:10 the Bible says, "One man of you shall chase a thousand; for Jehovah your God, he it is that fighteth for you ...." One is a majority when God is on our side.

**I. Shammah Fought. (verse 12)**

\) So can you if you're on the Lord's side. In Romans 8:31 the Bible says, "What shall we then say to these things? If God be for us, who can be against us ? "

1) The Lord has all power. "And Jesus came and spake unto them, saying, All power is given unto me in heaven and earth. "Matthew 28:18).

2) Satan doesn't have a chance when we are on the Lord's side.

B) Shammah won and we too can expect the victory if we are on the Lord's side. In 1 John 5:4 the Bible says, "For what soever is born of God overcometh the world: and this is the victory that overcometh the world, even our faith."

**Conclusion :**

A) When the crowds ran, Shammah had the conviction to stand.

B) While others fled for safety, he stood and fought.

C) When others left and gave up their possessions, he fought and won.

**Printed Book Only**

From:

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)